# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25th July – 2026

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ଶ୍ରୀଜିଉ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦେଉଛନ୍ତି ଦର୍ଶନ ।

- ମନ୍ କୀ ବାତ୍‌ର ୧୩୬ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।

- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

— କହିଲେ ସଶକ୍ତ, ସାମଗ୍ରିକ ଓ ଦୂରଦର୍ଶୀ ଶିକ୍ଷାବ୍ୟବସ୍ଥା ରାଷ୍ଟ୍ରର ମୂଳଦୁଆ ।

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୬ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା ।

*Puri/R*

# ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଆଜି ହରିଶୟନ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ରଥ ଉପରେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ହୀରାନୀଳା, ମୋତି ମାଣିକ୍ୟ ଖଚିତ ୧୩୮ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଛି ।

ଶ୍ରୀଜିଉମାନଙ୍କ ସୁନାବେଶ ଦର୍ଶନ ପାଇଁ ବଡ଼ଦାଣ୍ଡରେ ପ୍ରବଳ ଜନ ସମାବେଶ ଦେଖିବାକୁ ମିଳିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁନା କିରୀଟ, ଶ୍ରୀପୟର, ଶ୍ରୀଭୂଜ, ଆଡକାନୀ, ତିଳକ, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟୀ, ଶ୍ରୀବଳଭଦ୍ରଙ୍କୁ, କୁଣ୍ଡଳ, ରତ୍ନଖଚିତ ଘାଗଡାମାଳି, କଦମ୍ବମାଳି, ହଳମୁଷଳ, ଚନ୍ଦ୍ରସୂର୍ଯ୍ୟ, ଅଳକା, ଓଡିଆଣି, ଚନ୍ଦ୍ରିକା, ଦେବୀ ସୁଭଦ୍ରାଙ୍କୁ କାନ, ଘାଘଡାମାଳି, ସେବତୀମାଳି ତଗଡୀ ଆଦି ଅଳଙ୍କାରରେ ଆଭୂଷିତ କରାଯାଇଛି। ତିନି ରଥରେ ରଥାରୂଢ଼ ଦାରୁ ଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ଭିତରଛ ପ୍ରମୁଖ ସୁନାବେଶ ଲାଗି କରିଛନ୍ତି ।

ସନ୍ଧ୍ୟା ଆଳତି ନୀତି ଶେଷ ହେବାପରେ ଅପରାହ୍ଣ ପ୍ରାୟ ୫ଟାରେ ମହାପ୍ରଭୁଙ୍କୁ ସୁନାବେଶ କରାଯାଇଛି । ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ଶ୍ରୀଜୀଉଙ୍କ ଅଙ୍ଗରୁ ଅଳଙ୍କାରକୁ ବାହାର କରାଯିବ। ରାତି ୧୨ଟାରେ ବଡସିଂହାର ବେଶ, ସାଢ଼େ ୧୨ଟାରେ ବଡସିଂହାର ଭୋଗ ଅନୁଷ୍ଠିତ ହେବ।

ଏହାପରେ ରାତି ସାଢ଼େ ଗୋଟାଏରେ ଶୟନ ଠାକୁର ବିଜେ କରିବେ। ଭୋର ୪ଟାରେ ହରିଶୟନ ନୀତି ପରେ ରାତ୍ର ପହୁଡ଼ ନୀତି ହେବ। ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି।

***Kendrapara, Nayagarh, Keonjhar, Boudh, Deogarh/R***

## ଜିଲ୍ଲା - ସୁନାବେଶ

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କ ବାହୁଡ଼ାଯାତ୍ରା ଶେଷ ହୋଇଛି । ଆସନ୍ତାକାଲି ରଥାରୂଢ଼ ଠାକୁରମାନଙ୍କୁ ବିଭିନ୍ନ ପ୍ରକାର ସୁନା ଓ ରୁପା ଅଳଙ୍କାରରେ ସଜ୍ଜିତ କରାଯିବା ସହ ରଘୁନାଥ ବେଶ ଅନୁଷ୍ଠିତ ହେବ । ଶ୍ରୀଜଗନ୍ନାଥ ଏବଂ ମା' ଲକ୍ଷ୍ମୀଙ୍କର ଚାହାଣି ମଣ୍ଡପଠାରେ ଭେଟ ହେବା ପରେ ଅଧରପଣା ଲାଗି ଏବଂ ନିଳାଦ୍ରୀବିଜେ ନୀତି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ନୟାଗଡ଼ ଜିଲ୍ଲାର ରଣପୁର ଜଗନ୍ନାଥ ମନ୍ଦିରରେ ଆଜି ହରିଶୟନ ଏକାଦଶୀ ତିଥିରେ ତିନିଠାକୁରଙ୍କୁ କିରୀଟ, କୁଣ୍ଡଳ, ହସ୍ତ, ପାଦ, ଶଙ୍ଖ, ଚକ୍ର, ଗଦା, ହଳ ଆଦି ବିଭିନ୍ନ ରୁପା ଅଳଙ୍କାରରେ ସଜ୍ଜିତ କରାଯାଇଛି । ରଣପୁରରେ ରାଜାରାଜୁଡ଼ା ଅମଳରୁ ସୁନାବେଶ ପରିବର୍ତ୍ତେ ରୁପାବେଶ କରାଯିବାର ପରମ୍ପରା ରହିଛି ।

କେନ୍ଦୁଝର ଜିଲ୍ଲାରେ ରଥାରୂଢ଼ ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛି । ଶ୍ରଦ୍ଧାଳୁମାନେ ଠାକୁରଙ୍କ ଏହି ଦୁର୍ଲଭ ବେଶ ରାତି ୧୦ଟା

ପର୍ଯ୍ୟନ୍ତ ଦର୍ଶନ କରିପାରିବେ । ଭିଡ଼ ନିୟନ୍ତ୍ରଣପାଇଁ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି ।

ବୌଦ୍ଧ ଜିଲ୍ଲାରେ ରଥାରୂଢ଼ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି । ଏହି ବେଶକୁ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।

ଦେବଗଡ଼ ଜିଲ୍ଲା ପୁରୁଣାଗଡ଼ସ୍ଥିତ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା ଆଜି ଅନୁଷ୍ଠିତ ହେଉଛି ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୬ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

*Nayagarh/R*

# ମନ୍ କୀ ବାତ୍ କର୍ମଶାଳା

ନୟାଗଡ଼ ପୁରୁଣା ରାଜବାଟୀଠାରେ ଜିଲ୍ଲାସ୍ତରୀୟ ମନ୍ କୀ ବାତ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ସ୍ୱାଇଁ ଯୋଗଦେଇ ମନ୍ କୀ ବାତ୍‌ର ବ୍ୟାପକ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେବା ସହ ତୃଣମୂଳ ସ୍ତରରେ ଜନଜାଗରଣ ସୃଷ୍ଟି ଉପରେ ଆଲୋଚନା କରିଥିଲେ ।

*Desk*

# ପି.ଏମ୍. - ବିକଶିତ ଭାରତ

ବିକଶିତ ଭାଇବ୍ରାଣ୍ଟ୍ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅପରାହ୍ନରେ ଆଭାସୀ ଜରିଆରେ ବାର୍ତ୍ତାଳାପ କରିବେ । କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ଜଣ ଯୁବ ପ୍ରତିଯୋଗୀ ପ୍ରତିନିଧିତ୍ୱ କରି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ । 'ବିକଶିତ ଭାଇବ୍ରାଣ୍ଟ୍ ଭିଲେଜ୍ କାର୍ଯ୍ୟକ୍ରମ' ଗତମାସ ୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଲଦାଖ, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ୭୪ଟି ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଥିଲା ।

*Desk*

# ଧର୍ମେନ୍ଦ୍ର - ଇସ୍ତଫା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ତାଙ୍କ ଜୀବନ' ଛାତ୍ର, ଶିକ୍ଷକ ଏବଂ ଶିକ୍ଷାରେ ସଂସ୍କାର ପାଇଁ ସମର୍ପିତ ରହିଥିବ। ଗୋଟିଏ ସଶକ୍ତ, ସାମଗ୍ରିକ ଏବଂ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା' ରାଷ୍ଟ୍ରର ମୂଳଦୁଆ। ସେ ଦେଶର ଯୁବପିଢ଼ିଙ୍କ ଆକାଂକ୍ଷା, ଭାବନାକୁ ସମ୍ମାନ କରନ୍ତି। ଗଣତନ୍ତ୍ରର ଶକ୍ତି ଉପରେ ଅତୁଟ ବିଶ୍ୱାସ ରହିଛି । ଯୁବପିଢ଼ି ନୂତନ ଓ ବିକଶିତ ଭାରତର ବାହକ, ସୃଷ୍ଟିକର୍ତ୍ତା ଓ ନିର୍ମାତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତାଙ୍କୁ ଦେଶସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାସହିତ ମନ୍ତ୍ରିପରିଷଦର ସମସ୍ତ ସହଯୋଗୀ, ଶିକ୍ଷା ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ସହଯୋଗପାଇଁ ଧନ୍ୟବାଦ ଜଣାଇଛନ୍ତି । ଆଗାମୀ ଦିନରେ ଦେଶ ଓ ରାଜ୍ୟର ଜନସାଧାରଣ ଏବଂ ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷା ପୂରଣପାଇଁ ନିଜକୁ ସମର୍ପିତ ରଖିବେ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବା ସହ ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବାପାଇଁ ଶିକ୍ଷାକ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି । ବୃହତ୍ତର ସାମାଜିକ ହିତ ଏବଂ

ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ମନ୍ତ୍ରୀପଦରୁ ଇସ୍ତଫା ଦେବାପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କୁ ଉଚ୍ଚ ନୀତି ଆଦର୍ଶର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ସି.ଜେ.ପି. ଆନ୍ଦୋଳନ ପ୍ରତ୍ୟାହୃତ

ସରକାରଙ୍କ ସହ ଆଲୋଚନା ପରେ ସିଜେପି ଏହାର ଆନ୍ଦୋଳନକୁ ପ୍ରତ୍ୟାହାର କରିଛି। କେନ୍ଦ୍ର ମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ସିଜେପି ପ୍ରତିନିଧି ମଣ୍ଡଳୀ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା କରିବା ପରେ ଏହି ନିର୍ଯ୍ୟାସ ବାହାରିଛି। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର, ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଦାବିଗୁଡ଼ିକ ଉପରେ ବୈଠକରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା। ନୂଆଦିଲ୍ଲୀରେ ସିଜେପି ପ୍ରତିନିଧିମଣ୍ଡଳୀ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ନଡ୍ଡା ସିଜେପିର ଦାବିଗୁଡ଼ିକ ପ୍ରତି ସରକାର ସହମତି ପ୍ରକାଶ କରିଥିବା କହିଛନ୍ତି। ସେ କହିଛନ୍ତି, ପ୍ରତିବାଦକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ ନାହିଁ। ଇତିମଧ୍ୟରେ ପଞ୍ଜୀକୃତ ହୋଇଥିବା ଏଫ୍.ଆଇ.ଆର୍.ଗୁଡ଼ିକୁ ପ୍ରତ୍ୟାହାର କରାଯିବ ବୋଲି ଶ୍ରୀ ନଡ୍ଡା ସ୍ପଷ୍ଟ କରିଛନ୍ତି।

***Bolangir/R***

# ମିନିଷ୍ଟାଡିୟମ୍ ଉଦ୍‌ଘାଟିତ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍‌ସ୍ଥିତ ତମିଆଁ ପଞ୍ଚାୟତରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ୧୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ମିନିଷ୍ଟାଡିୟମ୍‌ର ଉଦ୍‌ଘାଟନ କରିଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି, ଏହି ପଦକ୍ଷେପ ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଓ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବ । ଆଗାମୀ ପିଢ଼ିକୁ ନୂତନ ଲକ୍ଷ୍ୟ ସ୍ଥିର କରିବାକୁ ଏହା ନିରନ୍ତର ପ୍ରେରଣା ଯୋଗାଇବ । ପରେ ଉପମୁଖ୍ୟମନ୍ତ୍ରୀ ଭଇଁସାଠାରେ ଆଉ ଏକ ମିନିଷ୍ଟାଡିୟମ୍‌ର ଉଦ୍‌ଘାଟନ କରିଛନ୍ତି ।

***BBSR/R***

# ଦୁର୍ଘଟଣା

ଖୋର୍ଦ୍ଧା ଗଙ୍ଗପଡ଼ା ଛକ ନିକଟରେ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟତମ ଆତ୍ମୀୟଙ୍କପାଇଁ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ।

*Malkangiri/R*

# ମାଓ ସାମଗ୍ରୀ ଜବତ

ମାଲ୍‌କାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ ଥାନା ଘନବେଡ଼ା ସୀମା ଆରକ୍ଷୀ ବଳ-ବି.ଏସ୍.ଏଫ୍. ପକ୍ଷରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି । ବିଶେଷସୂତ୍ର ଖବର ପାଇବା ପରେ ବି.ଏସ୍.ଏଫ୍. ଓ ଡି.ଭି.ଏଫ୍. ପକ୍ଷରୁ ମିଳିତ ତଲାସୀ ଅଭିଯାନ କରାଯାଇଥିଲା । ଏହି ସମୟରେ ଅରାପଦର ଓ ଘୁସୁମପଦର ଜଙ୍ଗଲରୁ ଆଇ.ଡି., ଜିଲେଟିନ୍, ଡିଟୋନେଟର୍ ଓ କୋଡେକ୍ସ ଆଦି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ।

*Desk*

# ଜୁନିୟର ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ର ଡାଲମିୟା ଭାରତ ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ରରେ ଆଜିଠୁ ସର୍ବଭାରତୀୟ ଜୁନିୟର ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଭାରତୀୟ ଜୁନିୟର ଦଳ ଅକ୍ଟୋବର ୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଇଜିପ୍ଟର କାଇରୋରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଜୁନିୟର ଚାମ୍ପିଅନସିପ୍‌ରେ ଭାଗ ନେବେ। ଯୋଗ୍ୟତା ପର୍ଯ୍ୟାୟରେ ଓଡ଼ିଶାରୁ ବାଳକ ସିଙ୍ଗିଲ୍‌ସରେ ୨୭ ଜଣ, ବାଳିକା

ସିଙ୍ଗିଲ୍‌ସରେ ୧୩ ଜଣ, ବାଳକ ଡବଲ୍ସରେ ୧୨ ଜଣ, ବାଳିକା ଡବଲ୍ସରେ ୫ ଜଣ ଏବଂ ମିକ୍ସଡ୍ ଡବଲ୍ସରେ ୧୧ଟି ଯୋଡ଼ି ଭାଗ ନେଉଛନ୍ତି।

***Met. O.***

# ପାଣିପାଗ

ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ ଓଡ଼ିଶା ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ଓ କେନ୍ଦୁଝର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ୧୮ଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୬୧୩ ଦଶମିକ ୧/୯ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୧ ହଜାର ୩୬୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସେହି ସମୟ ମଧ୍ୟରେ ୧୨ଟି ଗେଟ୍ ଦେଇ ୨ ଲକ୍ଷ ୧୫ ହଜାର ୫୬୪ ଘନଫୁଟ ଜଳ ନିଷ୍କାସିତ ହେଉଛି ।

******